# NATIONAL NEWS BULLETIN (ODIA)

## 13th August’ 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ବୈଦେଶିକ ଅନୁଦାନ ନିୟାମକ ସଂଶୋଧନ ବିଧେୟକ-୨୦୨୬କୁ ସଂସଦୀୟ ଯୁଗ୍ମକମିଟିକୁ ପଠାଇବା ଲାଗି ସଂସଦର ଉଭୟ ସଦନର ମଞ୍ଜୁରି ।

- ଜନଜାତିମାନଙ୍କପାଇଁ କଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତିଙ୍କ ପରାମର୍ଶ ।

- ଆଭାସୀ ଜରିଆରେ ଗ୍ରାମୀଣ ସେତୁ ଆପ୍‌ର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବଲୁଚିସ୍ତାନର ସୁରାବ ଜିଲ୍ଲାରେ ପାକିସ୍ତାନ ବାୟୁସେନା ଆକ୍ରମଣରେ ୩୦ରୁ ଅଧିକ ମୃତ ।

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଓଡ଼ିଶାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ।

## ଏଲ୍.ଏସ୍. - ଏଫ୍.ସି.ଆର୍.ଏ.

ସଂସଦର ଉଭୟ ସଦନ' ବୈଦେଶିକ ଅନୁଦାନ (ନିୟାମକ) ସଂଶୋଧନ ବିଧେୟକ-୨୦୨୬କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ବିଧେୟକରେ ବୈଦେଶିକ ଅନୁଦାନ ନିୟାମକ ଅଧିନିୟମ- ୨୦୧୦ରେ ସଂଶୋଧନ ଲାଗି ବ୍ୟବସ୍ଥା ରହିଛି । ବୈଦେଶିକ ଅନୁଦାନକୁ ଆହୁରି ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ନିମନ୍ତେ ଏହି ବିଧେୟକ ଆଗତ ହୋଇଥିଲା । କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକସଭାରେ ଏହି ବିଧେୟକ ଆଗତ କରି ଯୁଗ୍ମ ସଂସଦୀୟ କମିଟି ଏହାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବରେ ସମୀକ୍ଷା କରିବ ବୋଲି କହିଥିଲେ । ସୂଚନା ଅନୁଯାୟୀ ଏଥିଲାଗି ଗଠିତ ଯୁଗ୍ମ ସଂସଦୀୟ କମିଟିରେ ଲୋକସଭାର ୨୧ ଜଣ ଏବଂ ରାଜ୍ୟସଭାର ୧୦ ଜଣ ସାଂସଦ ସଦସ୍ୟ ରହିଛନ୍ତି ।

## ପ୍ରେଜ୍ - ଏନ୍.ସି.ଏସ୍.ସି. ରିପୋର୍ଟ

ଜାତୀୟ ଅନୁସୂଚିତ ଜାତି ଆୟୋଗ - ଏନ୍.ସି.ଏସ୍.ସି. ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗତକାଲି ରାଷ୍ଟ୍ରପତି ଭବନରେ ୨୦୨୪-୨୫ ବାର୍ଷିକ ରିପୋର୍ଟ ପ୍ରଦାନ କରିଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅନୁସୂଚିତ ଜନଜାତିମାନଙ୍କପାଇଁ ସାମ୍ବିଧାନିକ ସୁରକ୍ଷା ଉପାୟ ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ରିପୋର୍ଟରେ ଅନୁସୂଚିତ ଜାତି ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ସମୀକ୍ଷା ଆକଳନ କରାଯାଇଛି । ଅନୁସୂଚିତ ଜାତି ବର୍ଗଙ୍କପାଇଁ ବିଭିନ୍ନ ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ କେନ୍ଦ୍ର ତଥା ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନାରୁ ମିଳିଥିବା ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

## ଯୋଶୀ - ମିଟିଂ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଯୋଶୀ

କହିଛନ୍ତି, ଜାତୀୟ ସମ୍ବଳ ତଥା ଯୋଗ୍ୟତା ଛାତ୍ରବୃତ୍ତି ଯୋଜନାକୁ ଚଳିତ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଛି । ବୈଠକରେ ମୁଖ୍ୟତଃ ଏହି ଯୋଜନାର ବିଭିନ୍ନ ପକ୍ଷ ଏବଂ ଛାତ୍ରଛାତ୍ରୀମାନଙ୍କ ସହାୟତା ଲାଗି କାର୍ଯ୍ୟକାରିତା ଜାରି ରଖିବା ନେଇ ଆଲୋଚନା ହୋଇଛି ।

## ଶାହା - ଗ୍ରାମୀଣ ଜ୍ଞାନସେତୁ

ସ୍ୱରଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତକାଲି ଆଭାସୀ ଜରିଆରେ ଗ୍ରାମୀଣ ଜ୍ଞାନସେତୁ ଆପ୍‌ର ଶୁଭାରମ୍ଭ କରିଛନ୍ତି । ରାଷ୍ଟ୍ରୀୟ ପୁସ୍ତକାଳୟ ଦିବସ ଅବସରରେ ଆରମ୍ଭ କରାଯାଇଥିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି, ଗାନ୍ଧିନଗର, କଲୋଳ ଏବଂ ସାନନ୍ଦ ବିଧାନସଭା ଅଞ୍ଚଳର ଗ୍ରାମାଞ୍ଚଳରେ ରହୁଥିବା ପିଲାମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ଆରମ୍ଭ କରିବା ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ଜ୍ଞାନର ବ୍ୟାପକ ସାଧନ ଉପଲବ୍ଧ କରାଇବା ।

ଏହି ଆପ୍‌ରେ ୭୫୨ଟି ପୁସ୍ତକାଳୟ ସାମିଲ୍ ହୋଇଥିବାବେଳେ ୨ ଲକ୍ଷ ୮୦ ହଜାର ପୁସ୍ତକ ସମ୍ବଳିତ ୪ଟି ବଡ଼ ପୁସ୍ତକାଳୟକୁ ଗ୍ରାମୀଣ ପୁସ୍ତକାଳୟ ସହିତ ଯୋଡ଼ାଯାଇଛି । ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ପଦ୍ମଶ୍ରୀ ଏସ୍.ଆର୍. ରଙ୍ଗନାଥନ୍‌ଙ୍କ ଜୟନ୍ତୀ ଅବସରରେ ଏହି ଆପ୍‌ର ଶୁଭାରମ୍ଭ

କରାଯାଇଛି । ସେ କହିଛନ୍ତି, ଗ୍ରାମାଞ୍ଚଳର ପିଲାମାନେ ଯେପରି ସହଜରେ ପୁସ୍ତକ ପଠନ କରିପାରିବେ, ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ସୃଜନ ଟେକ୍ସଟାଇଲ୍

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ଭାରତୀୟ ହସ୍ତତନ୍ତର ବିକାଶ ଏବଂ ଏହାର ସଫଳ ଯାତ୍ରାରେ ଯୋଗଦାନ ଦେଇଥିବା ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହାର ଶୀର୍ଷକ ରହିଛି, 'ସୃଜନ - ଓଏସେସ୍ ଫ୍ରମ୍ ଦ ଲୁମ୍' । କାର୍ଯ୍ୟକ୍ରମରେ ବୟନଶିଳ୍ପ ମନ୍ତ୍ରଣାଳୟର ସଚିବ ନିଲମ ସାମୀ ରାଓ ଯୋଗଦେବେ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶର ୬ଟି ହସ୍ତତନ୍ତ କ୍ଷେତ୍ରରୁ ୧୦୦ରୁ ଅଧିକ ମହିଳା ବୁଣାକାର ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ସେମାନେ ହସ୍ତତନ୍ତ କ୍ଷେତ୍ରରେ ହାସଲ କରିଥିବା ଉପଲବ୍ଧି ସମ୍ପର୍କରେ ଉପସ୍ଥାପନା କରିବେ ବୋଲି ଜଣାପଡ଼ିଛି ।

## ଝାଡ଼ଖଣ୍ଡ - ପ୍ରୋଟେଷ୍ଟ

ଝାଡ଼ଖଣ୍ଡରେ ସରକାର ଏବଂ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ପର୍ଯ୍ୟାୟ ଆଲୋଚନା ଓ ବିଧାନସଭା ଘେରାଉ ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ । ବିକ୍ଷୋଭରତ ଛାତ୍ରଛାତ୍ରୀମାନେ ୨୦୨୪ରେ ହୋଇଥିବା ଜେ.ଏସ୍.ଏସ୍.ସି.-ସି.ଜି.ଏଲ୍. ପରୀକ୍ଷା ରଦ୍ଦ କରିବା ଲାଗି ଦାବି କରୁଛନ୍ତି । ଏହି ପରୀକ୍ଷାରେ ୨ ହଜାରରୁ ଅଧିକ ପ୍ରତିଯୋଗୀଙ୍କୁ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦିଆଯାଇସାରିଛି । ରାଜ୍ୟ ସରକାର କହିଛନ୍ତି, ସେହି ପରୀକ୍ଷାକୁ ଏକତରଫା ଭାବେ ରଦ୍ଦ କରାଯାଇପାରିବ ନାହିଁ । କାରଣ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଓ ନିରୀକ୍ଷଣରେ ସେହି ପରୀକ୍ଷା କରାଯାଇଥିଲା । ଅନ୍ୟପକ୍ଷରେ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନେ ସି.ଆଇ.ଡି.ଦ୍ୱାରା କରାଯାଉଥିବା ତଦନ୍ତ ନେଇ ସନ୍ଦେହ ପ୍ରକାଶ କରିବା ସହ ପରୀକ୍ଷାପାଇଁ ନିଯୁକ୍ତ ଆଉଟ୍ ସୋର୍ସିଂ ସଂସ୍ଥା ଟି.ଡି.ଏପି.ଏଲ୍. ସହ ସମ୍ପର୍କିତ ଅଭୟ ତିୱାରୀର ଗିରଫଦାରୀକୁ ଆଧାର ବୋଲି କହିଛନ୍ତି । ଛାତ୍ରଛାତ୍ରୀମାନେ ଜେ.ପି.ଏସ୍.ସି. ଏବଂ ଜେ.ଏସ୍.ଏସ୍.ସି. ପରୀକ୍ଷାରେ ହୋଇଥିବା ଅନିୟମିତତାର ସି.ବି.ଆଇ. ତଦନ୍ତ ଦାବି କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ରଣନୀତିକୁ ନିନ୍ଦା କରିବା ସହ ସରକାରୀ

ଅଧିକାରୀମାନଙ୍କୁ ଆନ୍ଦୋଳନରେ ହସ୍ତକ୍ଷେପ ନ କରିବା ଲାଗି ଚେତାବନୀ ଦେଇଛନ୍ତି । ପ୍ରଭାବିତ ୧୯ ଜଣ ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଲେଖାଏଁ କ୍ଷତିପୂରଣ ଦେବା ଲାଗି ସେ ଦାବି କରିଛନ୍ତି । ଯଦି ଏକ ସପ୍ତାହ ମଧ୍ୟରେ ଘଟଣାର ସି.ବି.ଆଇ. ତଦନ୍ତ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ସେ ଆମରଣ ଅନଶନ କରିବେ ବୋଲି କହିଛନ୍ତି ।

## ପାକ୍ ଏୟାର ଷ୍ଟ୍ରାଇକ୍

ପାକିସ୍ତାନ ବାୟୁସେନା ପକ୍ଷରୁ ବଲୁଚିସ୍ତାନର ସୁରାବ୍ ଜିଲ୍ଲାରେ ଗତକାଲି ଆକ୍ରମଣରେ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଏହି ଆକ୍ରମଣରେ ଅନେକ ମହିଳା ଓ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ଅଧିକାଂଶ ଆହତ ହୋଇଛନ୍ତି । ବଲୁଚିସ୍ତାନ ସ୍ଥିତ ଏକ ସଙ୍ଗଠନ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ପାକିସ୍ତାନ ସେନା ଏବଂ ବାୟୁସେନା ପକ୍ଷରୁ ସୁରାବ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୋମାମାଡ଼ ଏବଂ ଗୁଳିଚାଳନା କରିବା ଫଳରେ ବହୁ ଧନଜୀବନ କ୍ଷତିଗ୍ରସ୍ତ ହୋଇଛି । ଆହତ ଲୋକମାନଙ୍କୁ ସେନା ପକ୍ଷରୁ ବନ୍ଧକ ରଖାଯାଇଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଲାଗି ମଧ୍ୟ ବାଧା ସୃଷ୍ଟି କରାଯାଉଛି । ହସ୍ପିଟାଲ୍‌ଗୁଡ଼ିକ ସେନାବାହିନୀ କବ୍‌ଜାରେ ରହିଥିବାବେଳେ ସେଠାରେ କାର୍ଯ୍ୟରତ ଡାକ୍ତରମାନଙ୍କ ଉପରେ ସେନାପକ୍ଷରୁ ଚାପ ପ୍ରୟୋଗ

କରାଯାଉଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରିଦିଆଯାଇଛି । ସୂଚନାଯୋଗ୍ୟ, ବଲୁଚିସ୍ତାନ ଅଞ୍ଚଳରେ ପାକ୍ ସେନା ପକ୍ଷରୁ ବାରମ୍ବାର ଆକ୍ରମଣ କରାଯିବା ସହ ସେଠାରେ ବସବାସ କରୁଥିବା ଜନଜାତିଙ୍କୁ ହତ୍ୟା କରାଯାଉଛି ।

## କାଲ୍‌କାଟା - ଏଚ୍.ସି. - ଓ.ବି.ସି.

କାଲ୍‌କାଟା ଉଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗର ପୂର୍ବତନ ତୃଣମୂଳ କଂଗ୍ରେସ ସରକାରଙ୍କଦ୍ୱାରା ପରିବର୍ତ୍ତିତ ନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସମସ୍ତ ପଛୁଆବର୍ଗ ଶ୍ରେଣୀ କିମ୍ବା ଓ.ବି.ସି.-ଏ’ ଏବଂ ବି’ ପ୍ରମାଣପତ୍ରକୁ ରଦ୍ଦ କରିଛନ୍ତି । ଜଷ୍ଟିସ୍ ରାଜଶେଖର ମାନ୍ଥା ଏବଂ ଜଷ୍ଟିସ୍ ଅନୁଜ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟରେ ଓ.ବି.ସି.-ଏ’ ଏବଂ ବି’ ବ୍ୟବସ୍ଥା କାର୍ଯ୍ୟକ୍ଷମ ରହିବ ନାହିଁ । କୋର୍ଟ କହିଛନ୍ତି, ପୂର୍ବ ବ୍ୟବସ୍ଥା ଅନୁଯାୟୀ ଜାରି କରାଯାଇଥିବା ଏହିସବୁ ବର୍ଗର ପ୍ରମାଣପତ୍ରର ବୈଧତା ଶେଷ ହୋଇଛି । ଓ.ବି.ସି. ଏ’ ଏବଂ ବି’ ପ୍ରମାଣପତ୍ରଧାରୀ ଜନସାଧାରଣ ଏବେ ସାଧାରଣ ବର୍ଗ ଭାବେ ବିବେଚିତ ହେବେ ।  ପଛୁଆ ବର୍ଗକୁ ନେଇ ୨୦୧୦ ମସିହାରେ ବିବାଦ ସୃଷ୍ଟି ହୋଇଥିବାବେଳେ ତୃଣମୂଳ କଂଗ୍ରେସ ସରକାର ଏହି ବର୍ଗକୁ ଏ’ ଏବଂ ବି’ ଭାବେ ଶ୍ରେଣୀଭୁକ୍ତ କରିଥିଲେ । ଏନେଇ

ନ୍ୟାୟାଳୟରେ ମଧ୍ୟ ମାମଲା ରୁଜ୍ଜୁ ହୋଇଥିଲା । ୨୦୨୪ ମସିହାରେ କାଲ୍‌କାଟା ହାଇକୋର୍ଟ ଓ.ବି.ସି. ତାଲିକାରେ ୬୬ଟି ସମ୍ପ୍ରଦାୟର ଅନ୍ତର୍ଭୁକ୍ତିକୁ ବାତିଲ୍ କରିବା ସହ ସେମାନଙ୍କୁ ଦିଆଯାଇଥିବା ପ୍ରମାଣପତ୍ର ମଧ୍ୟ ରଦ୍ଦ କରିଥିଲେ । ନ୍ୟାୟାଳୟ ସେତେବେଳେ ରାଜ୍ୟ ସରକାରଙ୍କୁ ନୂତନ ଭାବେ ସର୍ବେକ୍ଷଣ କରି ଓ.ବି.ସି. ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାଏମ୍ ରହିଥିଲା ।

## ସି.ବି.ଏସ୍.ଇ. – ସପ୍ଲିମେଣ୍ଟାରୀ ଇକ୍‌ଜାମ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ – ସି.ବି.ଏସ୍.ଇ.ଦ୍ୱାରା ଆୟୋଜିତ ଚଳିତ ବର୍ଷର ଦ୍ୱାଦଶ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନେ ଡିଜିଲକର ରେଜଲ୍‌ଟ୍ ପୋର୍ଟାଲ୍- results.digilocker.gov.inରେ ପରୀକ୍ଷାଫଳ ଦେଖିପାରିବେ ।

## ଲିବିୟା – ଡ୍ରୋନ୍ ଆଟାକ

ଲିବିୟାର ପଶ୍ଚିମାଞ୍ଚଳରେ କେତେକ ଡ୍ରୋନ୍ ଆକ୍ରମଣ ଫଳରେ ଏକ ଇଲେକ୍ଟ୍ରିକ୍ ଷ୍ଟେସନ୍‌ରେ ଭୀଷଣ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା । ଫଳରେ ସମ୍ପୃକ୍ତ

ଅଞ୍ଚଳରେ ବିଦ୍ୟୁତ୍‌ସେବା ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ କୌଣସି ସଙ୍ଗଠନ ଏହି ଆକ୍ରମଣ ଲାଗି ଦାୟୀ କରି ନାହାନ୍ତି । ଅନ୍ୟପକ୍ଷରେ ପଶ୍ଚିମ ଲିବିୟାର ସରକାର ଏବଂ ସେଠାକାର ବିରୋଧୀ ସଶସ୍ତ୍ର ବାହିନୀ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ୨୦୧୧ରେ ଗଦାଫିଙ୍କ ପ୍ରଶାସନର ପତନ ପରେ ଦେଶରେ ରାଜନୈତିକ ଅସ୍ଥିରତାର ସଂଘର୍ଷ ଜାରି ରହିଛି ।

## ଓମାନ - ଅଏଲ୍ ଲିକ୍

ଓମାନ ଉପକୂଳରେ ଏକ ତୈଳବାହୀ ଟ୍ୟାଙ୍କରରୁ ବାହାରୁଥିବା ତୈଳ ତଟ ପର୍ଯ୍ୟନ୍ତ ପହଞ୍ଚିଥିବା କୁହାଯାଇଛି । ଓମାନ୍‌ର ପରିବେଶ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହାଯୋଗୁଁ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି । ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ ପ୍ରାୟ ୨ ହଜାର ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳରେ ଟ୍ୟାଙ୍କରରୁ ନିର୍ଗତ ହୋଇଥିବା ତୈଳ ବ୍ୟାପିଛି । ସୂଚନା ଅନୁଯାୟୀ ଗତ ଜୁନ୍ ୩୦ ତାରିଖରେ ଏକ ତୈଳବାହୀ ଜାହାଜ ୮ ଲକ୍ଷ ବ୍ୟାରେଲ୍ ନେଇ ଆସୁଥିବାବେଳେ ସେଥିରୁ ତୈଳ ନିର୍ଗତ ହେବା ଆରମ୍ଭ ହୋଇଥିଲା ।

# ଆଇ.ଏମ୍.ଡି. ୱେଦର

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ଏହାର ପ୍ରଭାବରେ ଓଡ଼ିଶା ସମେତ ଗାଙ୍ଗେୟ ପଶ୍ଚିମବଙ୍ଗ କ୍ଷେତ୍ରରେ ଅତି ପ୍ରବଳ ବର୍ଷା ହେବ ବୋଲି ବିଭାଗ କହିଛି । ଅନ୍ୟପକ୍ଷରେ ଅନ୍ୟ ୧୦ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସୂଚନା ଦିଆଯାଇଛି ।

*****